କଳିଙ୍ଗ ସାହିତ୍ୟ ସମାଜ

# ସାହିତ୍ୟ



Scanned with OKEN Scanner

# ସୂଚୀକ୍ରମ

## ପ୍ରବନ୍ଧ ଓ ସମାଲୋଚନା


| | | |
|---|---|---|
| ଓଡ଼ିଆ ଭାଷାର ଇତିହାସ ଆଲୋଚନାର ପରଂପରା | ପ୍ରଫେସର ଖଗେଶ୍ୱର ମହାପାତ୍ର | ୭ |
| ଓଡ଼ିଆ ସାହିତ୍ୟରେ ବୌଦ୍ଧମୁଦ୍ରାଙ୍କ | ପ୍ରଫେସର ସୁରେନ୍ଦ୍ରନାଥ ଦାସ | ୧୭ |
| ଗଂଜାମର ଲୋକନାଟ୍ୟ ପରଂପରାରେ ଦଣ୍ଡନାଚ: ଏକ ସାଂସ୍କୃତିକ ଅନୁଶୀଳନ | ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ | ୨୭ |
| ପୂର୍ବଭାରତୀୟ ଲୋକନାଟରେ ରାମକଥା | ପ୍ରଫେସର ନାରାୟଣ ସାହୁ | ୪୦ |
| ସମାଜ ସଂସ୍କାରକ ଶ୍ରୀବତ୍ସ ପଣ୍ଡା | ଡ.ପ୍ରଦୀପ କୁମାର ପଟ୍ଟନାୟକ | ୪୮ |
| ଭାରତୀୟ ନାରୀ: ଅତୀତରୁ ସାଂପ୍ରତିକ | ସୁପ୍ରିୟା ଦାଶ | ୫୬ |
| ଲୋକଧର୍ମ ଓ ବିଶ୍ୱାସର ପ୍ରକାଶକ୍ଷେତ୍ର: ଉଷାକୋଠି | ମନୋରଂଜନ ବିଷୋୟୀ | ୬୨ |
| ମାନବ ବନ୍ଦନାର ଅଭିନବ ଆଲେଖ୍ୟ: ରାଉତରାୟ କଳା ପ୍ରସଙ୍ଗ | ବାଣିଶ୍ରୀ ରାଇ | ୬୮ |
| ସଚ୍ଚି ରାଉତରାୟଙ୍କ କାବ୍ୟ ରଚନାରେ ମୌଳିକତା | ଡ.ବନମାଳୀ ପାଣିଗ୍ରାହୀ | ୭୮ |
| ବେନ୍ତ ଓଡ଼ିଆ ଜାତି/ଏକ ବିହଙ୍ଗାବଲୋକନ | ରାମାରାଓ ମାଝୀ | ୮୨ |


## କ୍ଷୁଦ୍ରଗଳ୍ପ


| | | |
|---|---|---|
| ଏକ ନୂଆ ଜୀବନର ନକ୍‌ସା | ଦେବୀପ୍ରସନ୍ନ ପଟ୍ଟନାୟକ | ୮୮ |
| ଭାଂଗି ପଡୁଥିବା ନିର୍ମୋକ | ଡ.କନକଲତା ପଟ୍ଟନାୟକ | ୯୧ |
| ଶୂନ୍ୟ ସଂହିତା | ମାନସ କୁମାର | ୯୮ |
| କେମିତି ଦେଖାଯାଏ ସ୍ୱପ୍ନ | ଲକ୍ଷ୍ମଣ କୁମାର | ୧୦୬ |
| ନିଆଁ | ଦିଲୀପ କୁମାର ଚୌଧୁରୀ | ୧୦୯ |


## କବିତା


| | | |
|---|---|---|
| କବି କବିତା ଓ ଦେବୀ | ରାଜକିଶୋର ଦାସ | ୧୧୪ |
| ପୁଣି ଥରେ | ଆନତି ଶତପଥୀ | ୧୧୫ |
| କିଛି ପଚାରନା | ଅଶୋକ ନନ୍ଦ | ୧୧୬ |
| ପ୍ରିୟ ଭାରତ | ଭାଗ୍ୟଲକ୍ଷ୍ମୀ ମହାରଣା | ୧୧୭ |
| ସକାଳ ଅପେକ୍ଷାରେ | ସସ୍ମିତପ୍ରଜ୍ଞା ମିଶ୍ର | ୧୧୮ |
| ତୋ ପାଇଁ | ସୁଦାମବଂଧୁ ଭଞ୍ଜମିଶ୍ର | ୧୧୮ |


Scanned with OKEN Scanner

# ବେନ୍ତ ଓଡ଼ିଆ ଜାତି: ଏକ ବିହଙ୍ଗାବଲୋକନ

**ରାମାରାଓ ମାଝୀ**

ଆନ୍ଧ୍ରପ୍ରଦେଶ ବିଚ୍ଛିନ୍ନାଞ୍ଚଳ ଅନ୍ତର୍ଗତ ଅବିଭକ୍ତ ଶ୍ରୀକାକୁଲମ୍ ଜିଲ୍ଲା ଯେପରି ନୈସର୍ଗିକ ପ୍ରାକୃତିକ ଶୋଭାର ଗନ୍ତାଘର, ସେହିପରି ଏହାର ସାଂସ୍କୃତିକ ବିଭବ ଓ ଐତିହ୍ୟ ମଧ୍ୟ ଅତୁଳନୀୟ । ଏହାର ବର୍ଣ୍ଣାଢ୍ୟ ଆଦିବାସୀ ସଂସ୍କୃତି ମଧ୍ୟ ମହନୀୟ ଓ ମହିମାମଣ୍ଡିତ । ୨୦୦୧ ମସିହା ଜନଗଣନା ଅନୁଯାୟୀ ଅବିଭକ୍ତ ଶ୍ରୀକାକୁଲମ୍ ଜିଲ୍ଲାର ଆଦିବାସୀ ଜନସଂଖ୍ୟା ୫୨.୩୪ ଶତକଡା ହୋଇଥିବା ବେଳେ ସେଥିମଧ୍ୟରୁ ''ବେନ୍ତ ଓଡିଆ'' ୫ ଶତକଡା ଅଟନ୍ତି । ସହରର ଅଭିବୃଦ୍ଧି ପ୍ରଭାବ ଫଳରେ ଆପଣା, ଆପଣାର ପେଟ ପାଟଣା ନିମିତ୍ତ ଶ୍ରୀକାକୁଲମ୍‌ରୁ ସ୍ଥାନାନ୍ତରିତ ହୋଇ ଅନ୍ୟାନ୍ୟ ସ୍ଥାନଗୁଡିକରେ ଆପଣାର କର୍ମମୟ ଜୀବନ ବିତାଉଥିବା ଦେଖାଯାଏ । ସେଥିମଧ୍ୟରୁ ବିଜୟନଗର ବିଶାଖାପାଟଣା, ପୂର୍ବ-ପଶ୍ଚିମ ଗୋଦାବରୀ ଏବଂ ହାଇଦ୍ରାବାଦ ଜିଲ୍ଲା ଗୁଡିକର କେତେକ ସ୍ଥାନରେ କିଛି ପରିମାଣରେ ''ବେନ୍ତ ଓଡିଆ''ମାନେ ବସବାସ କରୁଥିବାର ଦେଖାଯାଏ ।

ଜଗତୀକରଣ ପରିପ୍ରେକ୍ଷୀରେ ଏଠାରେ ଅନେକ ବିଦ୍ୟୁତ୍ ଉତ୍ପାଦନକେନ୍ଦ୍ର, କଳକାରଖାନା ଗଢ଼ି ଉଠିଥିବାର ଦେଖାଯାଏ । ଏସବୁ ସତ୍ତ୍ୱେ ଶ୍ରୀକାକୁଲମ୍ ତାର ସାଂସ୍କୃତିକ, ବୈଭବକୁ ବଞ୍ଚାଇ ରଖିବା ନିମନ୍ତେ ଆପ୍ରାଣ ଚେଷ୍ଟା କରିଆସୁଛି । ଏହି ଅଞ୍ଚଳରେ ଶ୍ରୀ ସୂର୍ଯ୍ୟନାରାୟଣ, ଶ୍ରୀ କୁର୍ମାମ୍, ଶ୍ରୀମାଲିଖାର୍ଜୁନ, ଭଗବାନ ଆଦି ବିରାଜମାନ ହୋଇ ଏହାର ଶୋଭା ବର୍ଦ୍ଧିତ କରିଆସୁଛନ୍ତି ।

**ଶ୍ରୀକାକୁଳମ୍ ଜିଲ୍ଲାରେ ''ବେନ୍ତ ଓଡିଆ'ର ଆବିର୍ଭାବ**

''ବେନ୍ତ ଓଡିଆ'' ମାନେ ବର୍ତ୍ତମାନ ବାସକରୁଥିବା ସ୍ଥାନ ଗୁଡିକ ପୂର୍ବେ The Ganjam and Vizagpatnam, Act. 1839 (Act. no 24of1839), Dt.02.00.1839 ଅନୁଯାୟୀ ଗଂଜାମ ଜିଲ୍ଲାର ଚିକିଟି ଜମିଦାର (ରାଜା)ଙ୍କ ଅଧିନରେ ରହିଥିଲା । ୧୯୩୭ ମସିହା ପରବର୍ତ୍ତୀ ସମୟରେ ଏହି ଜିଲ୍ଲାର ଖଲ୍ଲିକୋଟ, ଆସ୍କା, ପାରଳାଖେମୁଣ୍ଡି, ଛତ୍ରପୁର ତାଲୁକା ଗୁଡିକୁ ଓଡିଶା ରାଜ୍ୟ ସହ ମିଶାଇ ଦିଆଗଲା; ଏବଂ ଏହି ତାଲୁକା ଗୁଡିକରେ ରହୁଥିବା ''ବେନ୍ତ

ଓଡିଆ'' ମାନଙ୍କୁ ଓଡିଶା ରାଜ୍ୟରେ ହିଁ ଚିହ୍ନଟ କରାଗଲା । ୧୯୩୭ ମସିହା ଓଡିଶା ରାଜ୍ୟ ଆବିର୍ଭାବ ପୂର୍ବରୁ ବ୍ରହ୍ମପୁର ଜିଲ୍ଲା କେନ୍ଦ୍ରରୂପେ ପରିଚିତ ଗଞ୍ଜାମ ଜିଲ୍ଲା ସେହି ସମୟର ମାଦ୍ରାସ୍ ପ୍ରେସିଡେନ୍ସି ଅଧିନରେ ରହିଥିଲା । ବର୍ତ୍ତମାନର ଶ୍ରୀକାକୁଲମ୍ ଜିଲ୍ଲା ଗଞ୍ଜାମ ଜିଲ୍ଲାର ଅନ୍ତର୍ଭୁକ୍ତ ଥିଲା । ୧୯୩୭ ମସିହା ପରବର୍ତ୍ତୀ ସମୟରେ ଏହା ଗୋଟିଏ ସ୍ୱତନ୍ତ୍ର ଜିଲ୍ଲାରୂପେ ଗଠନ ହେଲା ଏବଂ ଏଥିରେ ରହିଥିବା ଇଛାପୁର, କାବିଟି, କାଞ୍ଚିଲି ଆଦି ମଣ୍ଡଳ ଗୁଡିକ ନୂତନ ଭାବେ ଆବିର୍ଭାବ ହୋଇଥିବା ଶ୍ରୀକାକୁଲମ୍ ଜିଲ୍ଲାରେ ହିଁ ରହିଗଲା ଓ ପରବର୍ତ୍ତୀ ସମୟରେ ଏଠାରେ ବାସ କରୁଥିବା "ବେନ୍ତ ଓଡିଆ''ମାନଙ୍କୁ ଆନ୍ଧ୍ରପ୍ରଦେଶ ସରକାରଙ୍କ ଦ୍ୱାରା ଚିହ୍ନଟ କରାଗଲା । ବର୍ତ୍ତମାନ ଏହା ଆନ୍ଧ୍ରପ୍ରଦେଶରେ ରହି ଆନ୍ଧ୍ର-ଓଡିଆ ସୀମା ନିର୍ଦ୍ଧାରିତ କରୁଅଛି ।

ପୂର୍ବେ Vizagpatnam Agency ରେ "Agency tract intrest and Land transfar Act. of 1917" ପାଇଁ ପ୍ରସ୍ତୁତ କରାଯାଇଥିବା "Hill tribes" ତାଲିକାରେ ''ବେନ୍ତ ଓଡିଆ'' ଜାତିକୁ ପ୍ରଥମ ଥର ୧୯୩୧ ମସିହାରେ British ସରକାର ଦ୍ୱାରା ନିର୍ଦ୍ଧାରିତ G.O.No.-1318 Revenue Dt.18.06.1931 ଅନୁଯାୟୀ କ୍ରମସୂଚକ-୧୨ରେ ହିଲ୍‌ଟ୍ରାଇବ୍‌ସ ରୂପେ ସ୍ଥାନ ଦିଆଯାଇଥିଲା । G.O. No.769 Revenue Dt. 06.04.1932 ମସିହା କ୍ରମିକ ସଂଖ୍ୟା ୩୯ରେ ମଧ୍ୟ ବେନ୍ତ ଓଡିଆ ''ଆଦିବାସୀ'' ଜାତି ରୂପେ ପୁନର୍ବାର ଦର୍ଶାଯାଇଥିଲା । ଏତଦ୍‌ବ୍ୟତୀତ Government of India (Privitcial Legistertive Assembely) order 1936 ମସିହାରେ ପ୍ରସ୍ତୁତ କରାଯାଇଥିବା Shedueld 13 ରେ Back ward tribes ରୂପେ କ୍ରମସଂଖ୍ୟା 25 ରେ ଦର୍ଶାଯାଇଅଛି ।

ସ୍ୱାଧୀନତା ପରବର୍ତ୍ତୀ ଭାରତ ସମ୍ବିଧାନର ଦ୍ୱିତୀୟ ଭାଗ The consitation (shedueld tribe) order 1950 ରେ ମଧ୍ୟ The shedueld cast and sheduled tirb list (modification) order 1956 ମସିହା The shedueld cast and shedueld tribes and order (Amendment) Act. 1976 ମସିହା S.L.No. 17 ରେ ଆଦିବାସୀ ଜାତି ରୂପେ ''ବେନ୍ତ ଓଡିଆ''କୁ ନିର୍ଦ୍ଧାରିତ କରାଯାଇଛି । ଠିକ୍ ସେହିପରି Home Afair Letter No. BC 12025/276- SC T(Dt.22.03.1977) ଅନୁଯାୟୀ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାରେ ବାସ କରୁଥିବା ''ବେନ୍ତ ଓଡିଆ'' ମାନଙ୍କୁ S.T. (shedueld tribe) ରୂପେ ଚିହ୍ନଟ କରାଗଲା ।

ସାମାଜ ବିଜ୍ଞାନୀ E. Thorsten ଙ୍କ ଲିଖିତ "Casts and tribes of south-ern India" ରେ ନିମ୍ନଲିଖିତ ଭାବେ ପ୍ରଦତ୍ତ ହୋଇଅଛି । ''ଓଡିଆ'' ଏବଂ ''ଓରିଆ'' ଗୋଟିଏ ଭାଷାର ଦୁଇଟି ଶବ୍ଦ । ଏହା ଗୋଟିଏ ଭାଷାର ନାମ ମାତ୍ର ଅଟେ । ଓଡିଆ, ଓରିଆ, ଓଢ୍ରୀ ଶବ୍ଦ ଗୁଡିକ କୌଣସି ଜାତି, କୁଳ, ଧର୍ମର ନାମକୁ ବୁଝାଏ ନାହିଁ । ଆନ୍ଧ୍ର ପ୍ରଦେଶ ସରକାର ଜାରି



Scanned with OKEN Scanner

କରିଥିବା G.O.M.S.No.1718 Education and Endovements Dt.24.07.1956 ରେ ମଧ୍ୟ ଉପରୋକ୍ତ ବିଷୟଟି ଆଲୋଚିତ ହୋଇଅଛି । କିନ୍ତୁ ୧୮୯୧ ମସିହା ଜନଗଣନା ଅନୁଯାୟୀ ''ଓରିଆ'' ଉପଶାଖାର ମୋଟ ୧୪୬ଟି ଜାତି ରହିଥିବାର ଜଣାଯାଏ; ସେଥି ମଧ୍ୟରୁ ବଡ ଶାଖାଟି ହେଲା ''ବୈନାତ୍ ଓଡିୟାସ୍'' । ଏହି ଶାଖାରେ ''ବେନ୍ତ'' ''ନୁନିୟାତ୍'' ଏବଂ ''ବରଘୋରିଆ'' ନାମକ ତିନୋଟି ମୁଖ୍ୟ ଉପଶାଖା ରହିଛି । ବେନ୍ତ ଏବଂ ନୁନିୟାତମାନେ ଆନ୍ଧ୍ରପ୍ରଦେଶ ରାଜ୍ୟ ଗଠିତ ପୂର୍ବରୁ ଗଞ୍ଜାମ ଜିଲ୍ଲାରେ ରହୁଥିଲେ । ଓଡିଆ ଜାତିର ଲୋକମାନେ ସାଧାରଣତଃ ''ଜଗନ୍ନାଥ'' ଏବଂ ''ଠାକୁରାଣୀ''ଙ୍କୁ ପୂଜା କରନ୍ତି । ଏହି ଜାତିରେ ରହିଥିବା ସାଙ୍ଗ୍ଯା ଗୁଡିକ ଯଥା:-ବିଷୋଇ, ପ୍ରଧାନ, ମାଝୀ, ଜେନା, ବାରିକ, ସାହୁ, ସ୍ୱାଇଁ, ଗୌଡ, ପଲେଇ, ଚାନ୍ଦୋ, ଦଳାଇ ଓ ତରାଇ ଇତ୍ୟାଦି ।

ଆନ୍ଧ୍ରପ୍ରଦେଶ ସରକାର ଜାରି କରିଥିବା G.O.No. 1718 ରେ ଓଡିଆ କଥା ହେଉଥିବା ଲୋକମାନଙ୍କୁ ଓଡିଆ, ଓରିଆ କିମ୍ୱା ଓଢ୍ରୀ ବୋଲି କହନ୍ତି । Government memo No. 3724-p2/61-1 Education Dt.31.10.1961 and no. 336-p/62 Education ରେ ଓଡିଆମାନଙ୍କ ସହିତ ସୁଣ୍ଡି, ତେଲି, ତନ୍ତି, ଓଡିଆ କିମ୍ୱା ଓଢ୍ରୀ ସାଉନ୍ତୋ (କୋରୁ) ହରିଜନ ଜାତି, ଶିଷ୍ଟକରଣମାନଙ୍କୁ ମିଶାଇ ମୋଟ ୨୦ଟି ଜାତିକୁ ପଛୁଆବର୍ଗ ରୂପେ ଚିହ୍ନଟ କରାଯାଇଛି । ଠିକ୍ ସେହିପରି ଶ୍ରୀକାକୁଲମ୍ ଜିଲ୍ଲାରେ ବାସ କରୁଥିବା ''ବେନ୍ତ ଓଡିଆ'' ମାନଙ୍କୁ S.T. (Sheduled Tribe) ରୂପେ ଚିହ୍ନଟ କରାଗଲା; କିନ୍ତୁ ଓଡିଶାରେ ରହୁଥିବା ବେନ୍ତ ଓଡିଆ ମାନଙ୍କୁ S.T. ରୂପେ ଚିହ୍ନଟ କରାଗଲା ନାହିଁ ।

## ବେନ୍ତ ଓଡିଆଙ୍କ ସଂସ୍କୃତି ଓ ଆଚାର ବ୍ୟବହାର

ବେନ୍ତ ଓଡିଆ ମାନଙ୍କ ଆଚାର ବ୍ୟବହାର ପାର୍ବତ୍ୟ ଅଞ୍ଚଳରେ ବସବାସ କରୁଥିବା ଆଦିମ ଆଦିବାସୀ ସହ ସାମଞ୍ଜସ୍ୟ ଥିବାଭଳି ମନେହୁଏ । ଏହି ଜାତିରେ ଅଧିକାଂଶ ବାଲ୍ୟ ବିବାହ କରିଥାନ୍ତି । ସ୍ତ୍ରୀମାନେ ଏକାଧିକ ଥର ବିବାହ କରିବାର ମଧ୍ୟ କୌଣସି ଆପତ୍ତି ନଥାଏ । ଜଣେ ସ୍ତ୍ରୀ ସାତ ଥର ବିବାହ କରିଥିବାର ମଧ୍ୟ ଦେଖାଯାଏ । ଏସବୁ ପାରମ୍ପରିକ ଭାବେ ଜାତି ମୁଖ୍ୟଙ୍କ ସହାୟତାରେ ହିଁ ହୋଇଥାଏ । ବଡଭାଇଙ୍କ ମୃତ୍ୟୁପରେ ତାଙ୍କ ସ୍ତ୍ରୀଙ୍କୁ ସାନ ଭାଇ (ଦିଅର) ବିବାହ ହେବା ଏଜାତିର ଅନ୍ୟ ଏକ ପ୍ରଥା ଏ ଜାତିରେ ମଧ୍ୟ ପ୍ରେମ ବିବାହ କରୁଥିବାର ଦେଖାଯାଏ କିନ୍ତୁ ସ୍ୱ-ଗୋତ୍ର ବିବାହ ନିଷେଧ ଅଟେ । ପୂର୍ବେ ପୁରୋହିତମାନେ ବରକନ୍ୟାଙ୍କୁ ମଙ୍ଗଳସୂତ୍ର ବାନ୍ଧୁଥିଲେ; ପରିବର୍ତ୍ତନଶୀଳ ସଂସ୍କୃତି, ପରମ୍ପରା ଦୃଷ୍ଟିରୁ ବର୍ତ୍ତମାନ ବର ନିଜେ କନ୍ୟାଙ୍କୁ ମଙ୍ଗଳସୂତ୍ର ବାନ୍ଧି ଆସୁଛନ୍ତି । ଏ ଜାତିରେ ଯୌତୁକ ପ୍ରଥା ନଥାଏ ।

ବେନ୍ତ ଓଡିଆରେ ଶୁକ୍ରୋ, ଷଣ୍ଢ, ଗଣପତି, ଭାଲୁ, ନାଗେଶ୍ୱର, କଚ୍ଛପ, ଶଙ୍ଖ, ହଂସ ଇତ୍ୟାଦି ଗୋତ୍ର ଗୁଡିକ ରହିଥାଏ । ଏମାନେ ସାଧାରଣତଃ ଜାମିଏଲ୍ଲାମା (ବଡଦେବତା), ବୋଣ୍ଡୋର

ଦେବତା, କାଳୀଠାକୁରାଣୀ, ନାଗଦେବତା, ମୋଦାକୋଣ୍ଡାମ୍ମା, କୋଣ୍ଡାନାଗୁ ଲାମ୍ମା, ଆଦି ଦେବଦେବୀଙ୍କୁ ପୂଜାର୍ଚ୍ଚନା କରନ୍ତି ଏବଂ ପ୍ରତିବର୍ଷ ନିୟମିତ ଭାବେ ବିଭିନ୍ନ ପର୍ବପର୍ବାଣୀ କରି ବଳି ପ୍ରଦାନ କରିଥାନ୍ତି ।

ଶ୍ରୀକାକୁଲମ୍ ଜିଲ୍ଲାରେ ବେନ୍ତ ଓଡିଆ ଜାତିର ନୀତି ନିୟମ ରକ୍ଷା କରିବା ପାଇଁ ତିନୋଟି ଆଞ୍ଚଳିକ ଶାଖା ପରିଚାଳିତ ହେଉଅଛି । ସେଗୁଡିକ ହେଲା, ମାଣିକପୁର (କାବିଟି ମଣ୍ଡଳ), ବୁରଗାଁ (ପୁରୁଣା ପାଟଣା ମଣ୍ଡଳ), ୟାମାଲାପେଟା (ସାନ୍ତାବୋମ୍ମାଲି ମଣ୍ଡଳ) । ଏହି ଜାତିର ଅଧିପତି (ମୁଖ୍ୟ) ମାନେ ବଂଶ ପରମ୍ପରା ଅନୁଯାୟୀ ପର୍ଯ୍ୟାୟକ୍ରମେ ନିୟୋଜିତ ହୋଇଥାନ୍ତି । ଏହି ଆଞ୍ଚଳିକ ଶାଖାଗୁଡିକ ଦ୍ୱାରା ଜାତିର ନୀତିନିୟମ ନିର୍ଦ୍ଧାରିତ ହୋଇଥାଏ । ବୈବାହିକ ସମ୍ପର୍କ ସ୍ଥାପନ, ସ୍ୱାମୀ ସ୍ତ୍ରୀଙ୍କ ବୈବାହିକ ସମ୍ପର୍କ ଉଚ୍ଛେଦ ଇତ୍ୟାଦି ସମସ୍ୟା ଗୁଡିକ ଶାଖା ମୁଖ୍ୟଙ୍କ ଦ୍ୱାରା ସମାଧାନ କରାଯାଇଥାଏ । ଏଥିରେ ନିଆଯାଇଥିବା ନିଷ୍ପତ୍ତି ଉପରେ କୌଣସି ଅଭିଯୋଗ ଉଠିଲେ 'ଅଠର ଖଣ୍ଡମାଳ' ନାମକ ଜିଲ୍ଲା ପରିଚାଳନା କେନ୍ଦ୍ରରେ ଆବେଦନ କରାଯାଇଥାଏ । କେନ୍ଦ୍ର କୁଳାଧିପତି ନେଇଥିବା ନିଷ୍ପତ୍ତି ଅତ୍ୟନ୍ତ କଠୋର ହୋଇଥିଲେ ମଧ୍ୟ ତାକୁ କାର୍ଯ୍ୟକାରୀ କରାଯାଏ ।

ବେନ୍ତ ଓଡିଆରେ ପ୍ରତ୍ୟେକ ଗୋତ୍ରରେ ଗୋଟିଏ ଇଷ୍ଟ ଦେବତା ରହିଥାଏ । ଏହି ଇଷ୍ଟ ଦେବତାଙ୍କୁ ସେମାନେ ବଂଶର ମୂଳ ପୁରୁଷ (ଜେଜେବାପା) ଙ୍କ ଘରେ ରଖି ପୂଜାପାଠ କରିଥାନ୍ତି । ଜେଜେବାପା ବସବାସ କରୁଥିବା ଘରକୁ ବଡ ଘର ବୋଲି କୁହାଯାଇଥାଏ । ଯେକୌଣସି ଶୁଭକାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ପ୍ରଥମେ ସେହି ଘରକୁ ସପରିବାର ଯାଇ ଇଷ୍ଟ ଦେବତାଙ୍କୁ ପୂଜାର୍ଚ୍ଚନା କରନ୍ତି; ତା'ପରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆରମ୍ଭ କରିଥାନ୍ତି । ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାହାର ଏକାଦଶତମ ଦିନ ଧାନ ଗଛ ସଦୃଶ୍ୟ "ବେଣିଆ କୁଢା" ସାକ୍ଷତାରେ ହିଁ ସମସ୍ତ କର୍ମକାଣ୍ଡ ଶେଷ ହୋଇଥାଏ ।

## ବୃତ୍ତି

ସାଧାରଣତଃ ବେନ୍ତ ଓଡିଆମାନେ ବାସ କରୁଥିବା ଅଞ୍ଚଳଟି ଜଙ୍ଗଲମୟ ନଡିଆ ଗଛରେ ପରିପୂର୍ଣ୍ଣ ହୋଇଥାଏ । ଏହାଦ୍ୱାରା ଏ ଅଞ୍ଚଳରେ ବୃଦ୍ଧ ବନିତା ସେହି ଜଙ୍ଗଲ ଏବଂ ନଡିଆ ବଗିଚାରେ କାର୍ଯ୍ୟ କରି ନିଜର ଜୀବିକା ନିର୍ବାହ କରିଥାନ୍ତି । ଅଧିକାଂଶ ଲୋକ ବଗିଚା ମାଲିକଙ୍କ ଅଧିନରେ କାର୍ଯ୍ୟ କରିଥାନ୍ତି ଏବଂ ଖୁବ୍ କମ୍ ଲୋକ ନାମମାତ୍ର ଚାଷୀ ରୂପେ ପରିଗଣିତ ହୋଇଥାନ୍ତି । ଏମାନେ ଜଙ୍ଗଲ ସଫାକରି (ପୋଡି) କୃଷିକାର୍ଯ୍ୟ କରିଥାନ୍ତି । ଦୁଇ ତିନି ବର୍ଷ ନିୟମିତ ଭାବେ ଚାଷ କରିବା ପରେ ଜମିର ଉର୍ବରତା ନଷ୍ଟ ହୋଇଯାଏ; ତଦ୍ୱାରା ଉକ୍ତ ଚାଷଭୂମି ପରିତ୍ୟାଗ କରି ଜଙ୍ଗଲର ଅନ୍ୟ ଏକ ଅଂଶକୁ ପୋଡି ସଫାକରି ଚାଷ କରନ୍ତି, କ୍ରମାଗତ ଭାବେ ଏହିପରି କୃଷିକାର୍ଯ୍ୟ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପରିବର୍ତ୍ତନ କରିବାକୁ ସ୍ଥାନାନ୍ତରିକ ଚାଷ ବା



Scanned with OKEN Scanner

ପୋଡୁଚାଷ ବୋଲି କୁହାଯାଏ । ଉତ୍ତର ପୂର୍ବ ଓ ଦକ୍ଷିଣ ଭାରତରେ ବିଭିନ୍ନ ସ୍ଥାନରେ ଏହାର ନାମ ଭିନ୍ନ ଭିନ୍ନ ଅଟେ । ଆସାମ୍‌ରେ ଏହାକୁ ଝୁମ୍ ଚାଷ, ଓଡ଼ିଶାର ପୋଡୁଚାଷ ଓ ପଶ୍ଚିମ ଘାଟ ପର୍ବତମାଳାରେ ଏହାକୁ କୁମୁରୀ ଚାଷ ବୋଲି କୁହାଯାଏ । ଏ ଅଞ୍ଚଳର ପୁରୁଷମାନେ ସାଧାରଣତଃ ନଡ଼ିଆ ଗଛ ଚଢ଼ି ନଡ଼ିଆ ତୋଳିବା, ଜଙ୍ଗଲରୁ କାଠ ନେଇ ହାଟ ବଜାରରେ ବିକ୍ରି କରିଥାନ୍ତି ଏବଂ ସ୍ତ୍ରୀ ଲୋକମାନେ ନଡ଼ିଆ ଖୋଳ (COIR) ରୁ କତା ବାହାର କରିଥାନ୍ତି । ଅନ୍ୟ କେତେକ ଲୋକ ନିକଟବର୍ତ୍ତୀ ହାଟବଜାର, ଗ୍ରାମଗୁଡ଼ିକୁ ଯାଇ ଏଗୁଡ଼ିକରେ ତିଆରି ଜିନିଷ ଗୁଡ଼ିକୁ ବିକ୍ରି କରିଥାନ୍ତି । ଏମାନେ ବାଡ଼ି, ବଗିଚାରେ ଚାଷ କରୁଥିବା ବିଭିନ୍ନ ପ୍ରକାର ଶସ୍ୟ ମଧ୍ୟରେ ରହିଛି ଯଥା:- ଜନା, ଘାଣ୍ଟିଆ, ମାଣ୍ଡିଆ, କାନ୍ଦୁଲ ଓ ଧାନ ।

ଏମାନେ ଘୁଷୁରି, ବାରହା, ସମ୍ବର, ଛେଳି, ମେଣ୍ଢା ଇତ୍ୟାଦି ପଶୁଙ୍କ ମାଂସକୁ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି । ଏମାନଙ୍କ ଘର ଗୁଡ଼ିକ ଛୋଟ, ଛୋଟ କୁଡ଼ିଆ ସଦୃଶ ପାଳନଡ଼ା, ତାଳପତ୍ର ଆଦି ବ୍ୟବହାର ନିର୍ମିତ ହୋଇଥାଏ । ପ୍ରାୟତଃ ୫ ରୁ ୬ଟି ପରିବାର ମିଶି ରହିଥାନ୍ତି; ପରିବାରର ଅଧିକାଂଶ ଲୋକ ଅଶିକ୍ଷିତ ମାତ୍ର ଖୁବ୍ କମ୍ ଲୋକ ଶିକ୍ଷିତ ଅଟନ୍ତି । ଶତକଡ଼ା ୦.୫ ଭାଗ ଲୋକ ମାତ୍ର ଶିକ୍ଷିତ ଥିବାର ଦେଖାଯାଏ ।

**ଅନୁସୂଚିତ ଜନଜାତି (Shedueld Tribe) ମାନଙ୍କୁ ଚିହ୍ନଟ କରିବା କିପରି ?**

ଅନୁସୂଚିତ ଜନଜାତିମାନଙ୍କୁ ଚିହ୍ନଟ କରିବାପାଇଁ ଭାରତୀୟ ସମ୍ବିଧାନରେ ଲିଖିତ ଲକ୍ଷଣ ମାନଙ୍କ ମଧ୍ୟରୁ ନିମ୍ନରେ କେତୋଟି ପ୍ରଦତ୍ତ କରାଯାଇଛି ।

୧. ଆଦିବାସୀ (Primetive Tribes)

୨. ଭିନ୍ନ ସଂସ୍କୃତି

୩. ସାମାଜିକ, ଆର୍ଥିକ ଏବଂ ରାଜନୈତିକ ଭାବେ ସମ୍ପୂର୍ଣ୍ଣ ରୂପେ ପଛୁଆ ରହିଥାନ୍ତି ।

୪. ଭୌଗଳିକ ଦୃଷ୍ଟିରୁ ଦାରିଦ୍ର୍ୟର ସୀମାରେଖାତଳେ ରହିଥାନ୍ତି ।

୫. ଅନ୍ୟମାନଙ୍କ ସହ କଥାବାର୍ତ୍ତା ହେବାପାଇଁ ଲଜ୍ଜା କରନ୍ତି । ଏତଦ୍‌ବ୍ୟତୀତ ସେମାନଙ୍କ ପୁରାତନ ଆଚାର ବ୍ୟବହାର, ସଂସ୍କୃତିକୁ ଆଧାର କରି (Costal Area) ଉପକୂଳ ଅଞ୍ଚଳରେ ବାସ କରୁଥିବା କେତେକ ଜାତିକୁ ମଧ୍ୟ ଆନ୍ଧ୍ରପ୍ରଦେଶ ସରକାର (G.O.M.S. No. 245.s.w., Dt.30.06.77) ଆଦିବାସୀ ରୂପେ ଚିହ୍ନଟ କରିଛନ୍ତି ।

**ଚିଠା ନମ୍ବର 326-P. Dt.17.11.1977**

ଶ୍ରୀକାକୁଳମ୍ ଜିଲ୍ଲା ଅର୍ଥନୈତିକ ଏବଂ ଗଣିତଜ୍ଞମାନେ ଶ୍ରୀକାକୁଳମ୍ ଜିଲ୍ଲା କଲେକ୍ଟରଙ୍କୁ ଲେଖିଥିବା ଚିଠା ନମ୍ବର 326-P. Dt.17.11.1977 ରହିଥିବା ବିଷୟ ନିମ୍ନରେ ଦର୍ଶାଯାଇଛି ।



Scanned with OKEN Scanner

ବେନ୍ତ ଓଡିଆ ମାନଙ୍କ ସଂସ୍କୃତି ପାର୍ବତ୍ୟ (Agency) ଅଞ୍ଚଳରେ ବାସ କରୁଥିବା ଆଦିବାସୀ ମାନଙ୍କ ସଂସ୍କୃତି ସହ ସମକକ୍ଷ ଅଟେ । ସ୍ତ୍ରୀମାନଙ୍କ ବିବାହ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟତା ନଥାଏ । ଏମାନଙ୍କ ମଧ୍ୟରେ ସପ୍ତମ ଥର ବିବାହିତ ସ୍ତ୍ରୀମାନେ ମଧ୍ୟ ରହିଛନ୍ତି । ସ୍ତ୍ରୀମାନେ ସାଧାରଣତଃ ପିକା, ବିଡି, ତମାଖୁ, ନାସପତ୍ର ସହ ମଦ, ଗଞ୍ଜାଇ ଭଳି ମାଦକ ଦ୍ରବ୍ୟ ମଧ୍ୟ ସେବନ କରିଥାନ୍ତି । ବିବାହ ସମୟରେ ବରପୁତ୍ର ପ୍ରଥମେ ସାହାଡା ଗଛକୁ ମଙ୍ଗଳ ସୂତ୍ର ବାନ୍ଧିବା ପରେ ବର: କନ୍ୟାଙ୍କୁ ମଙ୍ଗଳସୂତ୍ର ବାନ୍ଧିଥାଏ । ବେନ୍ତ ଓଡିଆମାନେ ଅନେକ ଦେବତାଙ୍କୁ ପୂଜା କରିବା ସହ ନିୟମିତ ଭାବେ ବିଭିନ୍ନ ପର୍ବ ପାଳନ କରି ବଳି ପ୍ରଦାନ କରିଥାନ୍ତି । ଫସଲ ଅମଳ ପରେ ପ୍ରଥମେ ଦେବତାଙ୍କୁ ସମର୍ପଣ କରିଥାନ୍ତି । ଏମାନେ ଅସ୍ପୃଶ୍ୟ ଜାତି ଭାବେ ପରିଗଣିତ ହୋଇଥାନ୍ତି । ତେଣୁ ଉଚ୍ଚ ଜାତିର ଲୋକମାନେ ଏମାନଙ୍କୁ ଘରେ ପ୍ରବେଶ କରାନ୍ତି ନାହିଁ । ବେନ୍ତ ଓଡିଆମାନଙ୍କ ମଧ୍ୟରେ ଅଧିକାଂଶ ଶ୍ରମିକ ଅଟନ୍ତି । ନଡିଆ ଖୋଳରୁ ଦଉଡି ତିଆରି କରିବା, ଜଙ୍ଗଲରୁ କାଠ ଆଣି ବିକ୍ରି କରିବା ହେଲା ଏମାନଙ୍କର ମୁଖ୍ୟ ଜୀବିକା ଖୁବ୍ କମ୍ ଲୋକ ଚାଷୀ ରୂପେ ପରିଚିତ ଥିବାବେଳେ ଅଧିକାଂଶ ଲୋକ ଜମିଦାରଙ୍କ ଅଧିନରେ କାର୍ଯ୍ୟରତ ଥାଆନ୍ତି । ଜମିଦାରମାନେ ଏମାନଙ୍କୁ ଘରେ ପ୍ରବେଶ କରାନ୍ତି ନାହିଁ; ଗାଈ ଗୁହାଳରେ ରଖି ଖାଇବାକୁ ଦିଅନ୍ତି ଏବଂ ଖାଇବା ସାମଗ୍ରୀକୁ ସେଠାରେ ହିଁ ରଖିଥାନ୍ତି । ରସ ଚଡୁଆରେ ଏମାନଙ୍କୁ ଜାଉ ଖାଇବାକୁ ଦେଇଥାନ୍ତି । ସଦା ସର୍ବଦା ପରିଶ୍ରମ କରି ଜମିଦାରଙ୍କ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ହିଁ ଏମାନଙ୍କର ଏକମାତ୍ର ଲକ୍ଷ୍ୟ ହୋଇଥାଏ ।

❖

ଓଡିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର

Scanned with OKEN Scanner